ଦୁର୍ଗାପ୍ରସାଦ

ବନାମ

ନବୀନ ଚନ୍ଦ୍ର ଏବଂ ଅନ୍ୟମାନେ ।

11, ମାର୍ଚ୍ଚ 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950: ଅନୁଚ୍ଛେଦ 226 ।*

*ଆଜ୍ଞାଦେଶ କ୍ଷେତ୍ରାଧିକାର-ଦେୱାନୀ ପ୍ରକ୍ରିୟା ସଂହିତା, 1908 ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଏଡାଇ ଦିଆଯାଇ ଆବାହନ କରାଯାଇପାରିବ ନାହିଁ ।*

ଦେୱାନୀ ପ୍ରକ୍ରିୟା ସଂହିତା, 1908:

ଧାରା 96,104 ଏବଂ 115-ଆଦେଶ 43 ନିୟମ 1-ଆଦେଶ 9 ନିୟମ 13 ।

*ମୋକଦ୍ଦମା-ଡିକ୍ରି-ଆଦେଶ 9 ନିୟମ 13 ଅନୁଯାୟୀ ଡିକ୍ରି ପ୍ରତ୍ୟାହାର କରିବା ପାଇଁ ଆବେଦନ-ଆବେଦନପତ୍ରର ଗ୍ରହଣୀୟତା ଉପରେ ଆପତ୍ତି-ଆପତ୍ତିକୁ ପ୍ରତ୍ୟାଖ୍ୟାନ କରୁଥିବା ଆଦେଶ-ଆଦେଶ ବିରୁଦ୍ଧରେ ଆଜ୍ଞାଦେଶ ଆବେଦନ- ଗ୍ରହଣୀୟତା-ନିର୍ଣ୍ଣିତ ଯେ, ଆକ୍ଷେପିତ ଆଦେଶକୁ ଧାରା 96 ଅନୁଯାୟୀ କିମ୍ବା ଧାରା 104 ସହିତ ସମପଠନୀୟ ଆଦେଶ 43 ନିୟମ 1 ଅନୁଯାୟୀ ଆବେଦନ କରାଯାଇ ପାରିବ ନାହିଁ-କିନ୍ତୁ ଧାରା 115 ଅନୁଯାୟୀ ପୁନରୀକ୍ଷଣ ଆବେଦନ ଗ୍ରହଣୀୟ-ପୁନରୀକ୍ଷଣ ଆବେଦନ ଦାଖଲ କରିବା ପରିବର୍ତ୍ତେ ଆଜ୍ଞାଦେଶ ଅଧିକରିତା ଆବାହନ କରିବା ଉପଯୁକ୍ତ ନୁହେଁ-ନିର୍ଣ୍ଣିତ ଯେ,ଆଜ୍ଞାଦେଶ ଆବେଦନକୁ ଖାରଜ କରୁଥିବା ଆଦେଶ ବିରୁଦ୍ଧରେ କୌଣସି ହସ୍ତକ୍ଷେପ କରାଯିବା ଆବଶ୍ୟକ ନଥିଲା-ଆବେଦନକାରୀ, ଆଇନ ଅନୁଯାୟୀ ଉପଲବ୍ଧ ଉପଶମ ପାଇପାରିବେ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4497/1996 ।

C.M.W.P ସଂଖ୍ୟା 37212/1995 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 21.12.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏମ୍. ପି. ଶୋରାୱାଲା ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତା ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଏକ ମକଦ୍ଦମା ଦାୟର କରିଛନ୍ତି ଏବଂ ଆବେଦନକାରୀଙ୍କ ସାକ୍ଷୀ 12.3.1991 ରେ ଉପସ୍ଥାପିତ ହେବା ପରେ, ଉତ୍ତରଦାତାଙ୍କ ସାକ୍ଷୀ 20.3.1991 ରେ ନଥିଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଦେଖିବାକୁ ମିଳିଥିଲା ଯେ ଏହି ମାମଲା 11.1.1994 ପର୍ଯ୍ୟନ୍ତ ବାରମ୍ବାର ସ୍ଥଗିତ ରଖାଯାଇଥିଲା । ସେହି ତାରିଖରେ, ଉତ୍ତରଦାତା ଏହି ମକଦ୍ଦମାରେ ଭାଗ ନେବାକୁ ମନା କରିଥିଲେ ଏବଂ ଏକ ସ୍ଥଗିତାଦେଶ ପ୍ରାର୍ଥନା କରିଥିଲେ । ସ୍ଥଗିତାଦେଶ ପାଇଁ କରାଯାଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖାଯାଇଥିଲା ଏବଂ 14.1.1994 ରେ ଘୋଷଣା କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 2, ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 9 ନିୟମ 13 ଅନୁଯାୟୀ ଡିକ୍ରିଟିକୁ ବାତିଲ କରିବା କରିବାକୁ 27.1.94 ତାରିଖରେ ଏକ ଆବେଦନ ଦାଖଲ କରିଥିଲେ । ଅନ୍ୟ ଉତ୍ତରଦାତାମାନଙ୍କ ଦ୍ୱାରା ମଧ୍ୟ ସମାନ ଆବେଦନ କରାଯାଇଥିଲା । ସେହି ଆବେଦନ ବିଚାରାଧୀନ ଥିବା ସମୟରେ, ଆବେଦନକାରୀ ଆବେଦନଟିର ଗ୍ରହଣୀୟତାକୁ ବିରୋଧ କରିଥିଲେ ଏବଂ ଏହାକୁ ଏକ ପ୍ରାରମ୍ଭିକ ବିନ୍ଦୁ ଭାବରେ ଶୁଣିବା ପାଇଁ ଏକ ଆବେଦନ ଆଗତ କରିଥିଲେ । ସେହି ଆବେଦନକୁ ବିଚାରଣ ନ୍ୟାୟାଳୟ 7.10.95 ରେ ଖାରଜ କରିଦେଇଥିଲେ । ଉକ୍ତ ଆଦେଶ ବିରୁଦ୍ଧରେ ଆବେଦନକାରୀ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଏବଂ ନ୍ୟାୟାଳୟଙ୍କ ଦ୍ୱାରା 21.12.95 ତାରିଖର ଆକ୍ଷେପିତ ଆଦେଶ ଦ୍ୱାରା ସେହି ଆବେଦନକୁ ଖାରଜ କରାଯାଇଥିଲା । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଶେଷ ଥର ଯେତେବେଳେ ଏହି ମାମଲା ଗ୍ରହଣ ପାଇଁ ଆସିଥିଲା, ଆମେ ବିଦ୍ୱାନ ଓକିଲଙ୍କୁ ପଚାରିଥିଲୁ ଯେ ଏହି ପରିସ୍ଥିତିରେ ଆଜ୍ଞାଦେଶ ଆବେଦନ କିପରି ଭାବରେ ଗ୍ରହଣ ଯୋଗ୍ୟ ଥିଲା । ବିଦ୍ୱାନ ଓକିଲ ଅନୁରୋଧ କରିଥିଲେ ଏବଂ ମାମଲା ସ୍ଥଗିତ ରଖାଯାଇଥିଲା । ତେଣୁ ଏହା ଆଜି ବିଚାରପାଇଁ ଆସିଛି । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଦେୱାନୀ ପ୍ରକ୍ରିୟା ସଂହିତା ଅଧୀନରେ ଆବେଦନକାରୀଙ୍କ ପାଇଁ ତିନୋଟି ଉପଶମ ଉନ୍ମୁକ୍ତ ରହିଛି, ଯଥା, ଧାରା 96 ଅନୁଯାୟୀ ଆବେଦନ କରିବାର ଅଧିକାର କିମ୍ବା ଧାରା 104 ସହିତ ସମପଠନୀୟ ଆଦେଶ 43 ଅନୁଯାୟୀ ଆବେଦନ କରିବା କିମ୍ବା ଧାରା 115 ଅଧୀନରେ ଏକ ପୁନରୀକ୍ଷଣ ଆବେଦନ । ଏହି ତଥ୍ୟକୁ

ଦୃଷ୍ଟିରେ ରଖି ଯେ ଏହି ମାମଲା ତିନୋଟି ପ୍ରତିକାର ମଧ୍ୟରୁ କୌଣସିଟିର ସୀମା ପରିସର ମଧ୍ୟରେ ଆସୁନାହିଁ, ଆବେଦନକାରୀଙ୍କ ନିକଟରେ ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟକୁ ଯିବା ବ୍ୟତୀତ ଅନ୍ୟ କୌଣସି ଉପଶମ ନାହିଁ । ଏହା ସତ୍ୟ ଯେ ଏହି ଆକ୍ଷେପିତ ଆଦେଶ, ଧାରା 96 କିମ୍ବା ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 104 ସହିତ ସମପଠନୀୟ ଆଦେଶ 43 ର ନିୟମ 1 ଅନୁଯାୟୀ ଆବେଦନଯୋଗ୍ୟ ନୁହେଁ । ତଥାପି ଏକ ପୁନରୀକ୍ଷଣ ଆବେଦନ ବଜାୟ ରହିବ ଏବଂ ଆଦେଶକୁ ସଂଶୋଧନ କରାଯାଇପାରିବ କି ନାହିଁ ତାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗୁଣବତ୍ତା ଆଧାରରେ ବିଚାର କରାଯିବାର ବିଷୟ । କିନ୍ତୁ ସେହି ଉପସମର ଲାଭ ଉଠାଇବା ପରିବର୍ତ୍ତେ, ଆବେଦନକାରୀ ଅନୁଚ୍ଛେଦ 226 ଅଧୀନରେ ଅଧିକରିତା କ୍ଷେତ୍ରକୁ ଆହ୍ୱାନ କରିଛନ୍ତି ଯାହା ଗ୍ରହଣୀୟ ନୁହେଁ ଏବଂ ଦେୱାନୀ ପ୍ରକ୍ରିୟା ସଂହିତା ଅଧୀନରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ, ଅନୁଚ୍ଛେଦ 226 ଅନୁଯାୟୀ ଉପଲବ୍ଧ ଉପଶମ ଦ୍ୱାରା ଏଡ଼ାଯାଇ ପାରିବ ନାହିଁ । ଏହି ପରିସ୍ଥିତିରେ, ଆମେ ଆଦେଶରେ ହସ୍ତକ୍ଷେପ କରିବାକୁ ଅଗ୍ରାହ୍ୟ କରୁଅଛୁ, ଆଇନ ଅନୁଯାୟୀ ଉପଲବ୍ଧ ଉପସମର ଲାଭ ଉଠାଇବା ପାଇଁ ଆବେଦନକାରୀଙ୍କ ପାଇଁ ଏହା ଉନ୍ମୁକ୍ତ ଅଛି ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।